76th YEAR OF PUBLICATION

ପ୍ରଜାତନ୍ତ୍ର ପ୍ରଚାର ସମିତି

ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର

The Prajatantra

ମୀନାବଜାର

ମୂଲ୍ୟ: ୨୦ଟଙ୍କା ମାତ୍ର

ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org

୭୬ବର୍ଷ ❑ ସଂଖ୍ୟା-୨୦୫ ● କଟକ ● ଶୁକ୍ରବାର ● ୧୦ ମାର୍ଚ୍ଚ-୨୦୨୩ ● ତୁଳା ୪ ● ସାଲ୍ ୧୪୩୦

CUTTACK ● FRIDAY ● 10 MARCH-2023 ● RNI Regd.No.4001/57

ମୂଲ୍ୟ : ₹୫ ଟଙ୍କା

## ଶ୍ରଦ୍ଧା ଫାଉଣ୍ଡେସନ୍ ସହଯୋଗରୁ ନିଖୋଜ ପୁଅକୁ ଫେରିପାଇଲେ ମା-ବାପା



କଣ୍ଟାବାଞ୍ଜି (ପିପିଏସ୍): ୬ବର୍ଷ ପୂର୍ବେ ନିଖୋଜ ହୋଇଯାଇଥିଲେ ଭଗବାନ। ନରସିଙ୍ଗନାଥ ଦର୍ଶନ ପାଇଁ ପରିବାର ସହ ଯାଇଥିଲେ ଚତୁର୍ଭୁଜ ପଟେଲ ପଦ୍ମପୁର ବାସୀ। ସେହି ସ୍ଥାନରୁ ପୁଅ ଭଗବାନ ନିଖୋଜ ହୋଇଯାଇଥିଲେ, ମାନସିକ ବିକୃତି କାରଣରୁ ପୁଅ ଭଗବାନ ପୁଟେଲ ଅନ୍ୟତ୍ର ପଳେଇଥିବା ଖବର ମଧ୍ୟ ପ୍ରକାଶିତ ହୋଇଥିଲା, ସ୍ଥାନୀୟ ଥାନାରେ ମଧ୍ୟ ଏତଲା ହୋଇଥିଲା , କିନ୍ତୁ ଆଶା ରଖିଥିଲେ ପରିବାର ଜଣ ଯେ ଭଗବାନ ନିଶ୍ଚୟ ଫେରିବ , ଖୋଜା ଖୋଜି ମଧ୍ୟ ଚାଲିଥିଲା , ଆଶା ମଧ୍ୟ ରହିଥିଲା , ସେହି ଆଶା କୁ ସାକାର କରିଛି ଶ୍ରଦ୍ଧା ଫାଉଣ୍ଡେସନ, ସୂଚନା ଅନୁସାରେ ଶ୍ରଦ୍ଧା ଫାଉଂଡେସନ ସଦସ୍ୟ ଙ୍କ ଦ୍ୱାରା ମୁମ୍ବାଇରେ ଚିହ୍ନିତ ହୋଇଥିଲେ ଭଗବାନ, ୬ ମାସର ଚିକିତ୍ସା ଓ ସେବା ରୁ ଭଗବାନଙ୍କ ସ୍ଥିତି ସୁଧାର ହୋଇଥିବାରୁ ତାଙ୍କ ପଦ୍ମପୁର ଘରେ ପହଂଚାଇବା କାର୍ଯ୍ୟ ସମ୍ଭବ କରିଛି ଶ୍ରଦ୍ଧା ଫାଉଂଡେସନ , ମା ବାପା ଙ୍କ ପ୍ରତୀକ୍ଷାର ଅନ୍ତ ସରିଲା, ନିଖୋଜ ପୁଅ ଘରକୁ ଫେରିଲା, ଏହି ମହାନତମ କାର୍ଯ୍ୟ ପାଇଁ ପରିବାର ସହ ଗାଁଲୋକେ ଶ୍ରଦ୍ଧା ଫାଉଂଡେସନ କୁ ସାଧୁବାଦ ଜଣେଇଛନ୍ତି।